# Akashvani, Sambalpur

## SAMBALPURI NEWS EVENING BULLETIN

## 31 March 2026-7.02- 7.12 pm.

---

୧- ବିଧାନ୍‌ସଭା ନ ୨୦୨୬-୨୭ ଆର୍ଥିକ୍ ବଛରର୍ ବ୍ୟୟମଞ୍ଜୁରୀ ବିଧେୟକ୍ ଉପ୍‌ରେ ଚାଲିଛେ ଆଲୋଚନା ।

୨- ୨୦୨୪-୨୫ ବଛର୍‌ର ସିଏଜି ରିପୋର୍ଟ ଉପସ୍ଥାପନ୍ କଲେ ମୁଖ୍ୟମନ୍ତ୍ରୀ ।

- ଓଡ଼ିଶାର୍ ଅର୍ଥନୈତିକ୍ ଅଭିବୃଦ୍ଧି ହାର ରହିଛେ ୧୧ ଦଶ୍‌ମିକ୍ ୪ ପ୍ରତିଶତ୍ ।

୩- ଦେଶେ ଆଏବା କାଏଲ୍‌ଠାନୁ ମୁଲ୍ ହେବା ପହେଲା ଜନଗଣନା ।

ଆଉର୍

୪- ଓଡ଼ିଶା ଦିବସ୍ ଅବ୍‌ସରେ ଆଏବା କାଏଲ୍ ନୁ ସାରା ରାଏଜେ ପାଲନ୍ କରାଯିବା ଓଡ଼ିଆ ପକ୍ଷ ।

ବିଧାନ୍‌ସଭା-ବ୍ୟୟମଞ୍ଜୁରୀ ବିଧେୟକ ଭୁବନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ନ ଇହାଦେ ୨୦୨୬-୨୭ ଆର୍ଥିକ୍ ବଛରର୍ ବ୍ୟୟମଞ୍ଜୁରୀ ବିଧେୟକ୍ ଉପ୍‌ରେ ଆଲୋଚନା ଚାଲିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସଖାଲବେଲା ବିଧେୟକ୍‌କେ ଗୃହ ନ ଉପସ୍ଥାପନ୍ କରିଥିଲେ । ତାର୍ ଉତ୍‌ରୁ ବିଧେୟକ୍‌କେ ନେଇକରି ବିରୋଧୀ ଦଲ୍ ତର୍‌ଫୁ ସଦସ୍ୟ ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁ, ରାମଚନ୍ଦ୍ର କାଡ଼ାମ, ଅରୁଣ ସାହୁ, ତାରାପ୍ରସାଦ୍ ବାହିନୀପତି, ନିରଞ୍ଜନ ପୂଜାରୀ, ଧ୍ରୁବଚରଣ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶାସକ୍ ଦଲ୍ ତର୍‌ଫୁ ବିଧାୟକ୍ ଟଙ୍କଧର୍ ତ୍ରିପାଠୀ, ସନ୍ତୋଷ୍ ଖୁଂଟିଆ, ଇରାସିସ୍ ଆଚାର୍ଯ୍ୟ ଆଲୋଚନାଥି ଭାଗ୍ ନେଇଥିଲେ । ଆଲୋଚନା ସର୍‌ଲା ଉତ୍‌ରୁ ମୁଖ୍ୟମନ୍ତ୍ରୀ ବିଲ୍‌କେ ନେଇକରି ଉତର୍ ରଖିବେ । ତାର୍ ଉତ୍‌ରୁ ବିଧେୟକ୍ ବିଧାନ୍‌ସଭା ନ ପାରିତ୍ ହେବାର୍ ସହେତେ ୨୦୨୬-୨୭ ଆର୍ଥିକ୍ ବଛ୍‌ରର୍ ବଜେଟ୍‌କେ ଅନୁମୋଦନ୍ ମିଲ୍‌ବା ବଲି ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ଫେବୃଆରୀ ୨୦ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ଗୃହ ନ ୩ ଲାଖ୍ ୧୦ ହଜାର୍ କୋଟି ଟଙ୍କାର୍ ରାଜ୍ୟ ବଜେଟ୍ ଉପସ୍ଥାପନ୍ କରିଥିଲେ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ୨ ନମ୍ବର୍ ଖେପ୍‌ର ୧୬ ନମ୍ବର୍ ଦିନେ ଆଏଜ୍ ଭିଲ୍ ଭିନ୍ ଭିନ୍ ଘଟ୍‌ନାକେ ନେଇକରି ବିରୋଧୀ ସଦସ୍ୟମାନେ ଗୃହ ନ ଜବର୍ କିର୍ଲାଗଗା କରିଥିଲେ । ଇଥିର୍‌ଲାଗି ଗୃହ କାର୍ଯ୍ୟ ପ୍ରଭାବିତ୍ ହେବାର୍ ସହେତେ ବାରବାର୍ ମୁଲ୍‌ତବୀ ହେଇଥିଲା । ବିରୋଧୀଙ୍କର୍ ହୋହଲ୍ଲା ଭିତ୍‌ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ନ ଆଏଜ୍ ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ଭାରତ୍‌ର ମହାଲେଖା ନିୟନ୍ତ୍ରକ ଆଉ ମହାନିରୀକ୍ଷକ -ସିଏଜିଙ୍କର୍ ୫ ଟା ରିପୋର୍ଟ ଉପସ୍ଥାପନ୍ କରିଛନ୍ । ସିଏଜି ରିପୋର୍ଟ ଅନ୍‌ସାରେ ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ଓଡ଼ିଶାର୍ ଅର୍ଥନୀତିର୍ ଅଭିବୃଦ୍ଧି ୧୧ ଦଶ୍‌ମିକ୍ ୪ ପ୍ରତିଶତ୍ ହେଇଛେ । ରାଜ୍ୟର୍ ଘରୋଇ ଉତ୍ପାଦନ୍ ୮ ଲାଖ୍ ୯୦ ହଜାର୍ ୩୮ କୋଟି ଟଙ୍କାଥି ପୁହୁଁଚିଛେ । ଇ ସମିଆଥି ରାଏଜେ ୨୨ ହଜାର୍ ୬ ଶହ ୫୧ କୋଟି ଟଙ୍କାର୍ ରାଜସ୍ୱ ଅଗ୍‌ଲିଛେ । ୨୦୧୮ ନୁ ୨୦୨୩ ମସିହା ଭିତ୍‌ରେ ରାସ୍ତା ସେତୁ ନିର୍ମାଣ୍ କ୍ଷେତ୍ରଥି ୯ ଶହ ୫୫ କୋଟି ଟଙ୍କା ଫିଁରିଛେ । ଜଙ୍ଗଲ୍ ଜମି ହସ୍ତାନ୍ତର୍ ଲାଗି ୨୧ କୋଟି କ୍ଷତିପୂରଣ୍ ଆଦାୟ ନାଇଁ ହେଇପାରି । ୨୦୨୦ ନୁ ୨୩ ଭିତ୍‌ରେ ହସ୍ତତନ୍ତ ବିଭାଗ୍‌ର

୧୨ କୋଟି ଟଙ୍କା କ୍ଷତି ହେଇଛେ । ଇ ସମିଆଥି ଅଏତ୍‌କା ଖଣି ଉତୋଲନ୍ ଲାଗି ସର୍‌କାର୍ ୪୦ କୋଟି ରାଜସ୍ୱ କ୍ଷତି ସହିଛନ୍ । ମନରେଗା ଯୋଜ୍‌ନାଥି ୪ ଶହ ୧୯ କୋଟି ଟଙ୍କା ଅଯଥା ଖର୍ଚ୍ଚା ହେଇଛେ । ମହିଲା ଶିଶୁ ବିକାଶ୍ ବିଭାଗ୍‌ର ୩ ଶହ ୮୧ କୋଟି ୪୧ ଲାଖ୍ ଟଙ୍କା ଖର୍ଚ୍ଚା ନାଇଁ ହେଇପାରି ବଲି ରିପୋର୍ଟ୍‌ଥି ଉଲ୍ଲେଖ୍ କରାଯାଇଛେ ।

ବିଧାନ୍‌ସଭା -ରବି ନାୟକ୍-୧ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଗାଁ ଇଲାକା ନ ଖରାଦିନେ ପିଇବାର୍ ପାନି ସମସ୍ୟାର୍ ମୁକବିଲା ଲାଗି ଗଲା ୨ ବଛର୍ ଭିତ୍‌ରେ ସର୍‌କାର୍ ବହୁତ୍‌ଟେ ପାନୀୟ ଜଲ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ ବଲି ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ଗଲା ୨ ବଛର୍ ଭିତ୍‌ରେ ୨୩ ଟା ପାନୀୟ ଜଲ ଯୋଗାଣ ପ୍ରକଳ୍ପ, ୩ ହଜାର୍ ୮ ଟା ଏକକ ଆଉ ଏକାଧୀକ ଗାଁ ଭିତିକ ପାନୀୟ ଜଲ ଯୋଗାଣ ପ୍ରକଳ୍ପ ୨ ହଜାର୍ ୭ ଶହ ୨ ଟା ସୌରଚାଲିତ୍ ପ୍ରକଳ୍ପ ଆଉ ୧ ହଜାର୍ ୪ ଶହ ୩୦ ଟା

ସୌରଚାଳିତ୍ ପମ୍ପ୍ କାର୍ଯ୍ୟକ୍ଷମ୍ କରାଯାଇଛେ । ଇତାର୍‌ସହେତେ ୨୭ ହଜାର୍ ୩ ଶହ ୩୫ ଟା ନୂଆଁ ନଲ୍‌କୂଆଁ କୁଡ଼ାଯାଇଛେ । ଖରାଦିନେ ଇ ସବୁ ପ୍ରକଳ୍ପ ମାନ୍‌କର୍ ଦେଖ୍‌ରେଖ୍ ଆଉ ଠିକ୍ ଭାବେ ପରିଚାଳନା ସୁନିଶ୍ଚିତ୍ କର୍‌ବାର୍ ଲାଗି ଗଲା ୧୬ ତାରିଖ୍ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲା ଆଉ ବ୍ଲକ୍ ପ୍ରଶାସନକେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ ।

ବିଧାନ୍‌ସଭା -ରବି ନାୟକ୍-୨ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

୨୦୨୫-୨୬ ଆର୍ଥିକ୍ ବଛରେ ମୁଖ୍ୟମନ୍ତ୍ରୀ ସଡ଼କ୍ ଯୋଜ୍‌ନାଥି ୨ ହଜାର୍ ଶହେ ୭୯ ଟା ରାସ୍ତା ପ୍ରକଳ୍ପର୍ ନିର୍ମାଣ୍ ଆଉ ଉନ୍ନତିକରଣ୍ ଲାଗି ସର୍‌କାର୍ ଅର୍ଥମଞ୍ଜୁର୍ କରିଛନ୍ ବଲି ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ । ମଞ୍ଜୁର୍ ପ୍ରକଳ୍ପ ଭିତ୍‌ରୁ ଶହେ ୧୪ ଟାର ନିର୍ମାଣ୍ କାମ୍ ଚାଲିଛେ । ୧ ହଜାର୍ ୭ ଶହ ୭୦ ଟା ପ୍ରକଳ୍ପର୍ ଟେଣ୍ଡର୍ ପ୍ରକ୍ରିୟା ଭିନ୍ ଭିନ୍ ଖେପ୍‌ଥି ରହିଛେ ଆଉ ୨ ଶହ ୯୩ ଟା ପ୍ରକଳ୍ପ କାମ୍ ପ୍ରଶାସନିକ ଅନୁମୋଦନ୍ ଆଉ ଡିପିଆର୍ ତିଆରି ପର୍ଯ୍ୟାୟଥି

ରହିଛେ । ୨୦୨୬ -୨୭ ଆର୍ଥିକ୍ ବଛ୍‌ରେ ୯୧ ଟା ରାସ୍ତା ପ୍ରକଳ୍ପର୍ ନିର୍ମାଣ ଆଉ ଉନ୍ନତିକରଣ୍ କର୍‌ବାର୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ ମଞ୍ଜୁର୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ବିଧାନ୍‌ସଭା- ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା /ଭୁବ୍‌ନେଶ୍ୱର୍
ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଆଏବା ଆର୍ଥିକ୍ ବଛ୍‌ରେ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ୫୦ ହଜାର୍ ପରିବାର୍‌କେ ଘର୍ ମଞ୍ଜୁର୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖିଛନ୍ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଗୃହ ନ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ କହିଛନ୍, ଗଲା ୨ ବଛର୍ ଭିତ୍‌ରେ ରାଏଜେ ଆବାସ ଘର୍ ଲାଗି ୧ ଲାଖ୍ ୬୮ ହଜାର୍ ୪୬ ଟା କାର୍ଯ୍ୟାଦେଶ୍ ବଂଟାଯାଇଛେ । ସେଥିର୍ ଭିତ୍‌ରୁ ଗଲା ୨୪ ତାରିଖ୍‌ତକ୍ ୬୮ ହଜାର୍ ୩ ଶହ ୬୮ ଟା ଘର୍ କାମ୍ ତିଆର୍ ସରିଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଜନଗଣନା ହି.ସ.

ଦେଶେ ଆଏବା କାଏଲ୍‌ଠାନୁ ପହେଲା ଖେପ୍ ଜନଗଣନା ମୁଲ୍ ହେବା । ଇ ଖେପ୍‌ଥି ଲୁକେ ନିଜେ ନିଜେ ଗନ୍‌ତି ପ୍ରକ୍ରିୟାଥି ସାମିଲ୍ ହେଇପାର୍‌ବେ । ଇ ବଛର୍ ପହେଲା କରି ଦେଶେ ଡିଜିଟାଲ୍ ଜନଗଣନା କରାଯିବା । ଓଡ଼ିଶା ନ ରାଜ୍ୟପାଲ୍‌ଙ୍କର୍‌ନୁ ପହେଲା ଜନଗଣନା ମୁଲ୍ ହେବା ବଲି ରାଜ୍ୟ ଜନଗଣନା ନିର୍ଦ୍ଦେଶକ୍ ନିଖିଲ୍ ପଓ୍ୱନ୍ କଲ୍ୟାଣ୍ ସୂଚ୍‌ନା ଦେଇଛନ୍ । ଶ୍ରୀ କଲ୍ୟାଣ୍ କହିଛନ୍, ଜନଗଣନା ସୂଚନା ଅଧିକାର୍ ଆଇନ୍ ଭିତ୍‌ରେ ନାଇଁ ଆସେ । ହେଥିର୍‌ଲାଗି ଲୁକ୍‌କର୍ ବ୍ୟକ୍ତିଗତ ତଥ୍ୟ କାହାକେ ଦିଆ ନାଇଁ ଯାଏ । ପହେଲା ଖେପ୍ ଜନଗଣନା ୧୫ ଦିନ୍ ଚାଲ୍‌ବା । ଝନେ ନାଗରିକ୍ ଚାହେଁଲେ ପ୍ରକ୍ରିୟାଥି ଦିଆଯାଇଥିବା ୩୩ ଟା ପ୍ରଶ୍ନର୍ ଉତର୍ ରଖିକରି ଇଥି ସାମିଲ୍ ହେଇପାରେ ବଲି ଶ୍ରୀ କଲ୍ୟାଣ୍ କହିଛନ୍ ।

ନକ୍ସଲ୍-ପୁଲିସ୍ ମହାନିର୍ଦ୍ଦେଶକ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସରକାରଙ୍କର ତରଫରୁ ଓଡ଼ିଶାକେ ନକ୍ସଲମୁକ୍ତ କରବାର ଲାଗି ଘୋଷ୍ନା ହେଇଥିବା ସମିଆ ଆଏଜ୍ ଶେଷ୍ ହେଉଛେ । ରାଜ୍ୟର୍ ୮ ଟା ଜିଲ୍ଲା ପୁରାପୁରି ଭାବେ ନକ୍ସଲ୍ ମୁକ୍ତ ହେଇଛେ ବଲି ଇ ଅବ୍‌ସରେ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ସଞ୍ଜିବ ପଣ୍ଡା କହିଛନ୍ । ଶ୍ରୀ ପଣ୍ଡା କହିଛନ୍, ଗଲା ବଛରେ ଭିତ୍‌ରେ ଓଡ଼ିଶା ପୁଲିସ୍ ପାଖେ ୭୮ ଝନ୍ ନକ୍ସଲ୍ ଆତ୍ମସମର୍ପଣ୍ କରିଛନ୍ । ୪୨ ଝନ୍ ଛତିଶ୍‌ଗଡ଼୍ ନ ଆତ୍ମସମର୍ପଣ୍ କରିଥିଲା ବେଲ୍‌କେ ୨୭ ଝନ୍ କମ୍ବିଂ ଅପରେସନ୍ ବେଲ୍‌କେ ହେଇଛନ୍ । ନକ୍ସଲ୍ ନିରୋଧୀ ଅଭିଯାନ୍ ସମିଆଥି ୨ ଶହ ୩୯ ଝନ୍ ଜବାନ୍ ଶହୀଦ୍ ହେଇଛନ୍ ବଲି ଶ୍ରୀ ପଣ୍ଡା କହିଛନ୍ ।

(ଭଏସ୍ ଓଭର୍-ପୁଲିସ୍ ମହାନିର୍ଦ୍ଦେଶକ)

ଓଡ଼ିଆ ପକ୍ଷ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତରଫରୁ ଓଡ଼ିଶା ଦିବସ୍ ଅବ୍‌ସରେ ଆଏବା କାଏଲ୍‌ଠାନୁ ଏପ୍ରିଲ୍ ୧୪ ତାରିଖ୍‌ତକ୍ ଓଡ଼ିଆ ପକ୍ଷ ପାଳନ୍ କରାଯିବା । ଆଏବାକାଏଲ୍

ସଖାଲ୍‌ବେଲା ପୁରୀ ଜିଲ୍ଲା ସୁଆଣ୍ଡୋ ଠାନେ ଆଉ ସଞ୍ଜ୍‌ବେଲା ଭୁବ୍‌ନେଶ୍ୱର୍ କୃଷି ଶିକ୍ଷା ସଦନ୍ ନ ରାଜ୍ୟସ୍ତରୀୟ ଓଡ଼ିଆ ଦିବସ୍ ସମାରୋହର୍ ଆୟୋଜନ୍ କରାଯିବା । ଭିନ୍ ଭିନ୍ ଦିନ୍ ମାନ୍‌କେ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇକରି ଏପ୍ରିଲ୍ ୧୪ ତାରିଖ୍ ଦିନ କୃଷି ଶିକ୍ଷା ସଦନ୍ ପରିସର୍ ନ ଓଡ଼ିଆ ପକ୍ଷ ଉଦ୍‌ଯାପନୀ ସମାରୋହ ଆଉ ଓଡ଼ିଆ ନବବର୍ଷ ପାଲନ୍ କରାଯିବା ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସୁଭଦ୍ରା-ଉପମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ.ପି.ଆର୍

ସୁଭଦ୍ରା ଯୋଜ୍‌ନା ଲାଗି ଆଏବା କାଏଲ୍‌ଠାନୁ ନୂଆଁ ପଞ୍ଜିକରଣ୍ ମୁଲ୍ ହେବା । ମହିଲା ଆଉ ଶିଶୁବିକାଶ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଏପ୍ରିଲ୍ ୩୦ ତାରିଖ୍‌ତକ୍ ସୁଭଦ୍ରା ପୋର୍ଟାଲ୍ ଜରିଏ ଯୋଗ୍ୟ ହିତାଧିକାରୀମାନେ ଆବେଦନ୍ କରିପାର୍‌ବେ । ଆଘୋନୁ ଆବେଦନ୍ ନାଇଁ କରିଥିବା ଆଉ ୧ ଏପ୍ରିଲ୍ ୨୦୨୬ ତକ୍ ୨୧ ବଛର୍‌ନୁ ଅଏତ୍‌କା ଆଉ ୬୦ ବଛର୍‌ନୁ କମ୍ ହେଇଥିବା ଯୋଗ୍ୟ ହିତାଧିକାରୀମାନେ ପଞ୍ଜିକରଣ୍

କରିପାର୍‌ବେ । ଇଥିର୍‌ଲାଗି ସବୁ ଅଙ୍ଗନବାଡ଼ି କେନ୍ଦ୍ର ଆଉ ସିଡ଼ିପିଓ କାର୍ଯ୍ୟାଳୟ ନ ଫର୍ମ ଯୁଗେଇ ଦିଆଯିବା ।

ଶ୍ରୀମନ୍ଦିର୍-ଦୟଣାଚୋରୀ ନୀତି ପୁରୀ ସମ୍ବାଦଦାତା

ଚୈତ୍ ମାସର୍ ଉଜଲ୍ ପଖର୍ ତ୍ରୟୋଦଶୀ ତିଥି ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଦୟଣାଚୋରୀ ନୀତି ପାଲନ୍ କରାଯାଉଛେ । ଦୁଇପହର୍ ଧୂପ ନୀତି ଉତ୍‌ରୁ ଶ୍ରୀମନ୍ଦିର୍‌ନୁ ରାମକୃଷ୍ଣ ପାଲିଙ୍କିଥି ମାହାପୁରୁ ବାହାରିକରି ଜଗନ୍ନାଥ୍ ବଲ୍ଲଭ ମଠକେ ଯାଇଛନ୍ । ସେନ ପୂଜାର୍ଚ୍ଚନା ଉତ୍‌ରୁ ମଠ ପରିସର୍ ନ ଥିବା ଦୟଣା ଉଦ୍ୟାନ୍ ନ ମାହାପୁରୁମାନେ ଦୟଣା ଚୋରି କରିଛନ୍ । ତାର୍ ଉତ୍‌ରୁ ମାହାପୁରୁମାନେ ଦୟଣା ଧରିକରି ପାଲିଙ୍କିଥି ଶ୍ରୀମନ୍ଦିର୍‌କେ ଫିର୍‌ବେ ।

ସୁବର୍ଣ୍ଣପୁର୍- ମଙ୍ଗଲ୍‌ବାର୍ ପୂଜା ସୁବର୍ଣ୍ଣପୁର୍ ସମ୍ବାଦଦାତା

ଚୈତ୍ ମାସର୍ ଶେଷ୍ ମଙ୍ଗଲ୍‌ବାର୍ ଦିନ ଆଏଜ୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ଦେବୀଗୁଡ଼ି ମାନ୍‌କେ ଖାସ୍ ପୂଜାର୍ଚ୍ଚନା କରାଯାଉଛେ ।

ସୁବର୍ଣ୍ଣପୁର୍‌ର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କର୍ ସହେତେ ରାମଚଣ୍ଡୀ, ଚର୍‌ଦେଇ, କୋଶଳେଶ୍ୱରୀ, ଅଷ୍ଟଚଣ୍ଡୀ, ମା ମଙ୍ଗଳା ପୀଠ ନ ବାସନ୍ତିକ ପୂଜା ହୋମଯଜ୍ଞ ସହେତେ ଚଣ୍ଡୀ ପାଠ କରାଯାଉଛେ । ଇ ଅବ୍‌ସରେ ମହାନଦୀ ମଝିଧାରେ ପୂଜା ପାଉଥିବା ଦେବୀ ଲଙ୍କେଶ୍ୱରୀଙ୍କର୍ ଚଇତ୍ ଯାତ୍ରା ଆଉ ମହାର୍ଘ୍ୟ ଚାପଖେଳ ଭିଲ୍ କରାଯାଉଛେ । ରାଜା ରାଜୁଡ଼ା ଅମଲ୍‌ନୁ ଫିଁ’ ଦୁଇବଛର୍ ଉତ୍‌ରୁ ମା’ଙ୍କର୍ ଇ ନୀତି କରାଯାଏସି । ଆଏଜ୍ ମନ୍ଦିର୍‌ନୁ ମା’ଙ୍କର୍ ଛତିଛତ୍ର ବାହାର୍ କରାଯାଇକରି କୁଶଲି ଡଙ୍ଗା ନ ଚାପଖେଳ କରାଯିବାର୍ ସହେତେ ଶୋଭାଯାତ୍ରା କରାଯାଏସି ।

## ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ‘ବୌଦ୍ଧ ଗଡ଼ଜାତର ରାମକଥା’ ଶୀର୍ଷକ୍ ଗୁଟେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ହେଇଯାଇଛେ । ରାମ୍‌ଲୀଲା ନାଟ୍ୟସଂସଦ୍‌ର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଆଲୋଚନାଚକ୍ରଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍

ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ବୌଦ୍ଧ ଗଡ଼ଜାତର୍ ରାମ୍ଲୀଲା ଅଦ୍ୱିତୀୟ ଆଏ ବଲି ଇ ଅବ୍ସରେ ଗବେଷକମାନେ କହିଛନ୍ ।

ବିପର୍ଯ୍ୟୟ ପରିଚାଲନା ତାଲିମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ପଲ୍ସାଗୋରା କଲେଜ୍ ନ ଜାତୀୟ ସେବା ଯୋଜ୍ନା ତର୍ଫୁ ବିପର୍ଯ୍ୟୟ ପରିଚାଲନା ତାଲିମ୍ ଶିବିର୍ ହେଇଯାଇଛେ । କଲେଜ୍ ଅଧ୍ୟକ୍ଷ ବିଶ୍ୱେଶ୍ୱର୍ ପାଣିଗ୍ରାହୀ ଶିବିର୍‌ଥି ଅଧ୍ୟକ୍ଷତା କରିକରି ବିପର୍ଯ୍ୟୟ ପରିଚାଲନା ଦିଗେ ଛାତ୍ରଛାତ୍ରୀମାନ୍କର୍ ଭୂମିକା ଉପ୍ରେ ଜୋର୍ ଦେଇଥିଲେ । ବିପର୍ଯ୍ୟୟ ସମିଆଥି କେନ୍ତାକରି ମୁକାବିଲା କରାଯାଇପାର୍ବା ସେ ବାବ୍ଦେ ଯୁବ ରେଡ଼କ୍ରସ୍ ପରାମର୍ଶଦାତା ଛାତ୍ରଛାତ୍ରୀମାନ୍କୁ ତାଲିମ୍ ଦେଇଥିଲେ ।

ଶିଶୁ ଅଧିକାର ଜନଶୁଣାଣି ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଳନୀ କକ୍ଷ ନ ଶିଶୁ ଅଧିକାର୍ ଉଲ୍ଲଂଘନ୍ ଆଉ ସୁରକ୍ଷା ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍ରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର୍ ସୁରକ୍ଷା ତର୍ଫୁ ଦିନ୍କିଆ କେମ୍ପ୍‌କୋର୍ଟ ଆଉ ସାଧାରଣ ଶୁଣାଣି ହେଇଯାଇଛେ । ଇ ଅବ୍‌ସରେ ଆୟୋଗ୍‌ର ଅଧ୍ୟକ୍ଷା ଆଉ ସଦସ୍ୟ ମାନେ ଯୋଗ୍ ଦେଇକରି ଅଭିଯୋଗ୍‌ମାନ୍‌କର୍ ଶୁଣାଣି କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଧୁକାଗର୍ଡ଼ି ଆଉ ବର୍ଷା ପାଗ୍ ଲାଗି ରହିଛେ । ଆଏବା ହପ୍ତେତକ୍ ଦିନର୍ ତାପମାତ୍ରା ଏନ୍ତା ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼ଘଡ଼ି ସହେତେ ଧୁକାଗର୍ଡ଼ି ଆଉ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଖାସ୍ କରି ମୟୁର୍‌ଭଞ୍ଜ୍, କେନ୍ଦୁଝର, ଭଦ୍ରକ୍ ଆର୍ ବାଲେଶ୍ୱର୍ ନ ପ୍ରଭାବ୍ ଟିକେ ବେଶୀ ରହେବା

ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।